# Akashvani, Sambalpur

## SAMBALPURI NEWS EVENING BULLETIN

**9 April 2024- 7.02 pm- 7.12 pm.**

*********************************************

୧- ଭାରତୀୟ ନବବର୍ଷ ଉଲ୍‌ଗୁନେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ ଆଉ ରାଜ୍ୟପାଲ୍ ଦେଶ୍‌ବାସୀଙ୍କୁ ଜନାଲେ ଶୁଭେଚ୍ଛା ।

୨- ଲୋକ୍‌ସଭା ନିର୍ବାଚନ୍ ଲାଗି ୨ ନମ୍ବର୍ ଖେପେ ୮୮ ଟା ସଂସଦୀୟ କ୍ଷେତ୍ର ନ ୧ ହଜାର୍ ୨ ଶହ ୧୦ ଝନ୍ ପ୍ରାର୍ଥୀଙ୍କର୍ ନାମାଙ୍କନ୍ ପତ୍ର ରହେଲା କାଏମ୍ ।

୩- ସମ୍ବଲ୍‌ପୁର୍ ଜିଲ୍ଲା ନ ହନୁମାନ୍ ଜୟନ୍ତୀ ସମିଆଥି ଶୋଭାଯାତ୍ରା ନାଇଁ କର୍‌ବାର୍‌କେ ନିଆଗଲା ନିଷ୍ପତି ।

ଆଉର୍

୪- ରାଏଜେ କାଲ୍‌ବୈଶାଖୀ ଜାରି- ଆଏବା ଶନିବାର୍‌ନୁ ପଶ୍ଚିମ ଓଡ଼ିଶା ନ ବଢ଼୍‌ବା ତାତି ।

ନବବର୍ଷ - ରାଷ୍ଟ୍ରପତିଙ୍କର୍ ଅଭିନନ୍ଦନ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ନବବର୍ଷ ଚୈତ୍ ଶୁକ୍ଲାଦି, ଉଗାଡ଼ି, ଗୁଡ଼ି ପଡ଼ୱା, ଚୈତି ଚାନ୍ଦ୍, ସାଜିବୁ ଚେରାଓ୍ୱବା ଉଲ୍‌ଗୁନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼୍ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ରାଷ୍ଟ୍ରପତି ତାଁକର୍ ବାର୍ତାଥି କହିଛନ୍ ଯେ, ଭାରତୀୟ ନବବର୍ଷ ଆଉ ଋତୁରାଜ୍ ବସନ୍ତକେ ଇସବୁ ଉତ୍ସବ୍ ଜରିଏ ସ୍ୱାଗତ୍ କରାଯାଏସି । ଦେଶେ ପାଲନ୍ ହେଉଥିବା ଇ ସବୁ ଉତ୍ସବ୍ ଶାନ୍ତି, ମୈତ୍ରୀ, ସହିଷ୍ଣୁତାର ବାର୍ତା ଦେଇଥିସି । ଭାରତ୍‌ର ମହାନ୍ ସଂସ୍କୃତି ଆଉ ପରମ୍ପରାର ପ୍ରତୀକ ଭାବେ ପାଲନ୍ କରାଯାଉଥିବା ଇ ଉତ୍ସବ୍ ମାନ୍‌କେ ଲୋକ୍‌ମାନେ ପ୍ରକୃତିର ଉପାସନା କର୍‌ସନ୍ ବଲି ରାଷ୍ଟ୍ରପତି ତାଁକର୍ ଶୁଭେଚ୍ଛା ବାର୍ତାଥି କହିଛନ୍ ।

ଉପରାଷ୍ଟ୍ରପତି ଭାରତୀୟ ନବବର୍ଷ ଉଲ୍‌ଗୁନେ ତାଁକର୍ ବାର୍ତାଥି କହିଛନ୍ ଯେ, ଦେଶେ ପାଲନ୍ କରାଯାଉଥିବା ପାରମ୍ପରିକ୍ ଉତ୍ସବମାନ୍ ଖୁସି ଆନ୍‌ବାର୍ ସହେତେ ଲୁକ୍‌କର୍ ଭିତ୍‌ରେ ଶାନ୍ତି ମୈତ୍ରୀ ଆଉ ଏକତାର୍ ଭାବନା ସୃଷ୍ଟି କରୁଛେ ।

ପ୍ରଧାନ୍‌ମନ୍ତ୍ରୀ ତାଁକର୍ ଶୁଭେଚ୍ଛା ବାର୍ତାଥି ନୂଆଁବରସ୍ ସମ୍‌କର୍ ଲାଗି ସୁଖ୍, ସମୃଦ୍ଧି ଆଉ ଆରୋଗ୍ୟଥି ପରିପୂର୍ଣ୍ଣ ହେଉ ବଲି କାମନା କରିଛନ୍ । ରାଜ୍ୟପାଲ୍ ରଘୁବର୍ ଦାସ ତାଁକର୍ ବାର୍ତାଥି କହିଛନ୍ ଯେ, ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟାହା' ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଁବରସ୍ ସମସ୍ତଙ୍କର୍ ଲାଗି ପ୍ରଗତି ଆଉ ସୌହାର୍ଦ୍ଦ୍ୟର୍ ପରିବେଶ୍ ଆନିଦଉ ବଲି କାମନା କରିଛନ୍ ।

ଲୋକ୍‌ସଭା ନିର୍ବାଚନ୍ - ୨ ନମ୍ବର୍ ଖେପ୍ ପି.ଆଇ.ବି.

ଲୋକ୍‌ସଭା ନିର୍ବାଚନ୍-୨୦୨୪ ର ୨ ନମ୍ବର୍ ଖେପ ଲାଗି ଭୋଟ୍ ଆଏବା ୨୬ ତାରିଖ୍ ଦିନ ଭୋଟ୍ ନିଆଯିବା । ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ନୁ ୧ ହଜାର୍ ୨ ଶହ ୬ ଝନ୍ ପ୍ରାର୍ଥୀ ଆଉ ବାହ୍ୟ ମଣିପୁର୍ ସଂସଦୀୟ କ୍ଷେତ୍ରନୁ ୪ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢ଼୍‌ବେ । ୨ ନମ୍ବର୍ ଖେପେ ୮୮ ଟା ସଂସଦୀୟ ନିର୍ବାଚନ୍ ମଣ୍ଡଲୀର୍ ଲାଗି ସବୁ ମିଶିକରି ୨ ହଜାର୍ ୬ ଶହ ୩୩ ଟା ନାମାଙ୍କନ୍ ଦାଖଲ୍ କରାଯାଇଥିଲା । ଦାଖଲ୍ ହେଇଥିବା ପ୍ରାର୍ଥୀପତ୍ରମାନ୍‌କର୍ ପ୍ରାର୍ଥୀପତ୍ର ଯାଂଚ୍ ଉତ୍‌ରୁ ୧ ହଜାର୍ ୪ ଶହ ୨୮ ଟା ମନୋନୟନ୍ ପତ୍ର କାଏମ୍ ରହିଥିଲା ।

ଚୈତ୍ ନବରାତ୍ର

ଆର୍‌ଏନ୍‌ୟୁ /ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏଜ୍‌ଠାନୁ ଦେବୀ ମନ୍ଦିର୍ ମାନ୍‌କେ ବାସନ୍ତିକ ନବରାତ୍ର ପୂଜା ମୁଲ୍ ହେଇଛେ । କଲସ୍ ଶୋଭାଯାତ୍ରା ଆଉ ଅଧିବାସ ଉତ୍‌ରୁ ଭକ୍ତମାନେ ଦେବୀପୀଠମାନ୍‌କେ ମାନସିକ ଜାଗର ପ୍ରତିଷ୍ଠା କରିଛନ୍ । ସମ୍ବଲ୍‌ପୁର୍‌ର ସମଲେଶ୍ୱରୀ, ପାଟଣେଶ୍ୱରୀ ଆଉ ଅଲ୍‌ଗା ଦେବୀ ମନ୍ଦିର୍‌ମାନ୍‌କେ ଜବର୍ ସଜାବଜା କରାଯାଇଛେ ।

ବୌଦ୍ଧ ଠାନେ ନବରାତ୍ର ଆଉ ରାଷ୍ଟ୍ରୀୟ ନବବର୍ଷ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ସହର୍ ଆର୍ ଗାଁ ମାନ୍‌କେ ଥିବାର୍ ଶ୍ରୀରାମ୍ ଆଉ ଜଗନ୍ନାଥ ମହାପ୍ରଭୁଙ୍କର୍ ମନ୍ଦିର୍‌ମାନ୍‌କେ ସ୍ୱତନ୍ତ୍ର ପୂଜା କରାଯାଇଥିଲା । ମହାନଦୀର୍ ମଝି ଧାର୍ ନ ଆସୀନ ଲଙ୍କେଶ୍ୱରୀ ଦେବୀଙ୍କର୍ ଚାପଖେଳ ଅନୁଷ୍ଠିତ ହେଇଛେ । ଦେବୀ ମନ୍ଦିର୍ ଗମ୍ଭୀରାନୁ ବାହାରିକରି ମହାନଦୀନୁ ଚାପ ଖେଳିଥିଲେ । ରାତି ନିଶି ପୂଜା ଉତ୍‌ରୁ ଦେବୀ ସ୍ୱମନ୍ଦିର୍‌କେ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଏନ୍‌ଟିଏ ସ୍ୱଷ୍ଟିକରଣ୍       ପ୍ରେସ୍ ରିଲିଜ୍

ଜାତୀୟ ଟେଷ୍ଟିଂ ଏଜେନ୍ସି - ଏନ୍‌ଟିଏ ତର୍‌ଫୁ ହେବାର୍‌କେ ଥିବାର୍ ପରୀକ୍ଷାମାନ୍‌କେ ସାଧାରଣ ନିର୍ବାଚନ୍‌ଥି ଭୋଟ୍ ଦେଇକରି

ଆଙ୍ଗ୍‌ଠିଥି ସେହି ଚିହ୍ନା ପାଇଥିବାର୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାଇଁପାରନ୍ ବଲି ହେଉଥିବାର୍ ଗୁଜବ୍‌କେ ଏନ୍‌ଟିଏ ଖଣ୍ଡନ୍ କରିଛେ । ସାମାଜିକ ଗଣମାଧ୍ୟମ୍ ଜରିଏ ଏନ୍ତା ଅପପ୍ରଚାର୍ ଚାଲିଛେ । ଇ ମେସେଜ୍ ସବୁ ନିରାଧାର୍ ଆଏ । ଇ ବାବ୍‌ଦେ କେନ୍‌ସି ଗାଇଡ୍‌ଲାଇନ୍ ଜାରି ନାଇଁ କରାଯାଇ ବଲି ଏନ୍‌ଟିଏ କର୍ତ୍ତୃପକ୍ଷ ସୂଚ୍‌ନା ଦେଇଛନ୍ । ଇତାର୍‌ସହେତେ ଛାତ୍ରଛାତ୍ରୀମାନେ ଇ ଗୁଜବ୍‌କେ ଧ୍ୟାନ୍ ନାଇଁ ଦେଇକରି ପାଠ୍ ଆଉ ଆଏବା ପରୀକ୍ଷାମାନ୍‌କର୍ ଲାଗି ତୟାରି କର୍‌ବାର୍‌କେ ଏନ୍‌ଟିଏ ପରାମର୍ଶ ଦେଇଛେ ।

ବନକଲାଗି ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଶ୍ରୀଜୀଉମାନ୍‌କର୍ ବନକଲାଗି ନୀତି ହେବା । ଚୈତ୍ ମାସର୍ ଉଜଲ୍ ପଖର୍ ଦ୍ୱିତୀୟା ତିଥି ବୁଧବାର୍ ଦିନ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଦ୍ୱିତୀୟ ଭୋଗ ମଣ୍ଡପ୍ ଭୋଗ ସର୍‌ବାର୍ ଉତ୍‌ରୁ ସଞ୍ଜର ୬ ବଜେନୁ ରାତି ୧୦ ବଜେତକ୍ ମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ଶ୍ରୀଜୀଉମାନ୍‌କର୍ ଶ୍ରୀମୁଖ ଶୃଙ୍ଗାର ଆଉ ବନକଲାଗି ଗୁଟେ ଗୁପତ୍ ନୀତି

ହେଇଥିବାର୍‌ନୁ, ଇ ନୀତି ସମିଆଥି ଗର୍ଭଗୃହର୍ ସବୁ ଦ୍ୱାର ବନ୍ଦ୍ ରହେବା । ବନକଲାଗି ଉତ୍‌ରୁ ମହାପ୍ରଭୁଙ୍କର୍ ମହାସ୍ନାନ ନୀତି ହେବା । ମହାସ୍ନାନ ଉତ୍‌ରୁ ଭକ୍ତମାନେ ଫେର୍‌ଘାଏ ଶ୍ରୀବିଗ୍ରହମାନ୍‌କର୍ ଦର୍ଶନ୍ କରିପାର୍‌ବେ ।

ହନୁମାନ୍ ଜୟନ୍ତୀ ପାଲନ୍ ବୈଠକ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପରିଷଦ୍ ହକି ସମ୍ମିଲନୀ କକ୍ଷ ଠାନେ ହନୁମାନ୍ ଜୟନ୍ତୀ ପାଲନ୍ ବିଷେ ଉପ୍‌ରେ ଆଏଜ୍ ଗୁଟେ ଶାନ୍ତି କମିଟି ବୈଠକ୍ ହେଇଯାଇଛେ । ଇଥି ଜିଲ୍ଲାପାଲ୍ ଅଗ୍ରୱାଲ୍ ଅକ୍ଷୟ ସୁନୀଲ୍ ଅଧ୍ୟକ୍ଷତା କରିଥିବାର୍ ବେଲେ ଏସ୍.ପି. ମୁକେଶ୍ କୁମାର୍ ଭାମୁ ଆଉ ଜିଲ୍ଲାର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ସାମିଲ୍ ହେଇଥିବା ଭିନ୍ ଭିନ୍ ସଂମ୍ପ୍ରଦାୟର୍ ପ୍ରତିନିଧିମାନ୍‌କର୍ ମତ ନିଆଯାଇଥିଲା । ଇ ବଛର୍ ହନୁମାନ୍ ଜୟନ୍ତୀ ଶୋଭଯାତ୍ରା ଆଉ ବାଇକ୍ ରେଲିକେ ଅନୁମତି ନାଇଁ ଦିଆଯାଏ ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଥିବାର୍ ଜନାପଡ଼ିଛେ ।

ଦିବ୍ୟାଙ୍ଗ ଭୋଟର୍- ସମ୍ବଲ୍‌ପୁର୍, କଲାହାଣ୍ଡି

ଆର୍‌ଏନ୍‌ୟୁ / ସମ୍ବଲପୁର

ଚଲ୍ତି ନିର୍ବାଚନ୍‌ଥି କଲାହାଣ୍ଡି ଜିଲ୍ଲାର୍ ୫ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ୧୭ ହଜାର୍ ୩ ଶହ ୪୯ ଝନ୍ ଦିବ୍ୟାଙ୍ଗ ଭୋଟର୍ ମତଦାନ୍ ଅଧିକାର୍ ସାବ୍ୟସ୍ତ କର୍‌ବେ । ଇମାନ୍‌କର୍ ଭିତ୍‌ରେ ୧୦ ହଜାର୍ ୧୪ ଝନ୍ ପୁରୁଷ, ୭ ହଜାର୍ ୩ ଶହ ୩୨ ଝନ୍ ମହିଳା ଦିବ୍ୟାଙ୍ଗ ଭୋଟର୍ ରହିଛନ୍ ।

ହେନ୍ତା ସମ୍ବଲ୍‌ପୁର୍, ରେଢ଼ାଖୋଲ୍, ରେଙ୍ଗାଲି ଆଉ କୁଚିଣ୍ଡା, ବିଧାନ୍‌ସଭା ସେଗ୍‌ମେଂଟ୍ ନ ୨୪ ହଜାର୍ ୫୮ ଝନ୍ ଦିବ୍ୟାଙ୍ଗ ଭୋଟର୍ ରହିଛନ୍ । ଜିଲ୍ଲାର୍ ୯ ଶହ ୪୮ ଟା ବୁଥ୍ ନ ଦିବ୍ୟାଙ୍ଗ ମାନ୍‌କର୍ ଲାଗି ହ୍ୱିଲ୍ ଚେୟାର୍ ବ୍ୟବସ୍ଥା କର୍‌ବାର୍‌କେ ପଦକ୍ଷେପ୍ ନିଆଯାଉଛେ । ଇତାର୍‌ସହେତେ ଫି ବୁଥ୍ ନ ୨ ଝନ୍ ଲେଖା ସ୍ୱେଚ୍ଛାସେବୀ ରହେବେ । ସମ୍ବଲ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଗଉଡ଼୍‌ପାଲି ସର୍‌କାରୀ ମୁକ,ବଧୀର ଆଉ ଦୃଷ୍ଟିବାଧିତ ହାଇସ୍କୁଲ୍ ଭୋଟ୍ କେନ୍ଦ୍ର ଦିବ୍ୟାଙ୍ଗ ମାନ୍‌କର୍ ଜରିଏ ପରିଚାଳନା କରାଯିବା ।

ଇଭିଏମ୍ ମିସିନ୍- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ଆଏବା ଲୋକ୍‌ସଭା ବିଧାନ୍‌ସଭା ନିର୍ବାଚନ୍ ଲାଗି ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଇଭିଏମ୍‌ର ପହେଲା

ରେଣ୍ଡାମାଇଜେସନ୍ କାମ୍ ପୁରା ହେଇଛେ । ଆଏଜ୍‌ଠାନୁ ଇଭିଏମ୍ ଆଉ ଭିଭିପାଟ୍‌ର ନମ୍ବର୍ ଚିହ୍ନଟ୍ କାମ୍ ମୁଲ୍ ହେଇଛେ । ଇ ସମିଆଥି ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ କେ. ସୋନାଲ୍ ଅଧ୍ୟକ୍ଷତା କରିଥିବାର୍ ବେଲେ ଭିନ୍ ଭିନ୍ ରାଜନୈତିକ୍ ଦଲର ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ ।

ସ୍କୁଲ୍ ଅନୁମୋଦନ୍ ପୋର୍ଟାଲ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଘରୋଇ ସ୍କୁଲ୍‌ମାନ୍‌କୁ ଅନୁମୋଦନ୍ ପ୍ରମାଣ୍‌ପତ୍ର- ସିଓଆର୍ ଦେବାର୍ ଲାଗି ଫେର୍‌ଘାଏ ଘରୋଇ ସ୍କୁଲ୍ ପରିଚାଲନା ପୋର୍ଟାଲ୍ ଖୁଲ୍‌ବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଥିର୍ କରାଯାଇଛେ । ଗଲାକାଏଲ୍‌ନୁ ଆଏବା ୨୮ ତାରିଖ୍‌ତକ୍ ସିଓଆର୍ ଲାଗି ଘରୋଇ ସ୍କୁଲ୍‌ମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ସ୍ତର୍‌ଥି ଆବେଦନ୍ କରିପାର୍‌ବେ । ୨୦୨୩-୨୪ ଶିକ୍ଷାବଛର୍‌ନୁ ୨୦୨୭-୨୮ ଶିକ୍ଷାବଛର୍‌ତକ୍ ଅନୁମୋଦନ୍ ପ୍ରମାଣ୍‌ପତ୍ର ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଭିସୁଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ - ଭିସୁଟ୍ ଠାନେ ୨ ଦିନ୍ ଧରିକରି ଚାଲିଥିବା ଉଦ୍ୟମତା ଆଧାରିତ୍ ଇ-ସମିଟ୍ ଉଦ୍ଯାପିତ୍ ହେଇଛେ । ଇଥି ଶିକ୍ଷାବିତ୍, ଗବେଷକ ଆଉ ଉଦ୍ୟୋଗୀମାନେ ସାମିଲ୍ ହେଇକରି ଷ୍ଟାର୍ଟଅପ୍, ନୂଆଁ ଉଦ୍ୟୋଗ୍ ମୁଲ୍ କର୍ବାର୍ ବାବ୍ଦର୍ ଅନୁଭବ୍ ଆଉ ରୂପରେଖ ବାବ୍ଦେ ଛାତ୍ରଛାତ୍ରୀମାନ୍କର୍ ସହେତେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ୍ଥି ବାଘ ସଂରକ୍ଷଣ୍ ଆଉ ପରିବେଶ୍ ସୁରକ୍ଷା ଉପ୍ରେ ଭାରତୀୟ ବନସେବାର ଅଧିକାରୀମାନେ ଆଲୋକପାତ କରିଥିଲେ ।

ମାଓବାଦୀ କେମ୍ପ- ବର୍ଗଡ଼୍          ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ପାଇକ୍ମାଲ୍ ଥାନାର୍ ଗନ୍ଧମାର୍ଦ୍ଦନ୍ ପାହାଡ଼୍ ଇଲାକା ନ ଆଏଜ୍ କମ୍ବିଂ ଅପରେସନ୍ ତଲାସି ଅଭିଯାନ୍ ବେଲେ ପୁଲିସ୍ ବାହିନୀ, ଗୁଟେ ମାଓବାଦୀ କେମ୍ପ୍ ଠାବ୍ କରିଛନ୍ । ଇନ ମାଓବାଦୀମାନେ ବେଭାର୍ କରୁଥିବା ଭିନ୍ ଭିନ୍ ଦରବ୍ ଉଦ୍ଧାର୍ କରାଯାଇଛେ । କମ୍ବିଂ ଅପରେସନ୍ ସମିଆଥି ପୁଲିସ୍ ଆଉ ମାଓବାଦୀମାନେ ମୁହାଁମୁହିଁ ହେଇଥିଲେ । ପୁଲିସ୍ ଜବାନ୍ ମାନ୍କୁ ଦେଖିକରି ମାଓବାଦୀ

ମାନେ ପହେଲା ଗୁଳି ଚଲେଇଥିଲେ ଆର୍ ଇତାର୍ ଜବାବ୍‌ଥି ପୁଲିସ୍ ତର୍‌ଫୁ ଭିଲ୍ ଗୁଳି ଚଲାଯାଇଥିଲା ବଲି ଜନାପଡ଼ିଛେ ।

ସମଲେଇ-ନୂଆଁ ଦୀପଘର ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ନ ନୂଆଁ ଦୀପଘରେ ନବରାତ୍ର ନୁ ମାନସିକ ଦୀପ ପ୍ରଜ୍ୱଲନ୍ ମୁଲ୍ ହେଇଛେ । ଗଲା ଜାନୁଆରୀ ମାସେ ଉଦ୍‌ଘାଟିତ୍ ହେଇଥିବା ସମଲେଇ ପ୍ରକଳ୍ପଥି ନୂଆଁକରି ତିଆର୍ କରାଯାଇଥିବାର୍ ୨ ମହଲା ହଲ୍ ନ ମାନସିକ ଦୀପ ପ୍ରଜ୍ୱଲନ୍ କରାଯାଉଛେ । ଦୁହି ହଲ୍ ନ କମ୍‌ସେକମ୍ ୭ ହଜାର୍ ଦୀପ ଜଲାବାର୍ ବ୍ୟବସ୍ଥା କରାଯାଇଥିବାର୍ ଜନାପଡ଼ିଛେ ।

ପାନୀୟ ଜଳ-ଖଡ଼ିଆଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞାପିତ ଅଂଚଲ୍ ତର୍‌ଫୁ ଖରାକେ ନଜର୍‌ଥି ରଖିକରି ଭିନ୍ ଭିନ୍ ଜାଗା ନ ପିଇବାର୍ ପାଏନ୍ ବ୍ୟବସ୍ଥା ହେଇଛେ । ପରିଷଦ୍ ତର୍‌ଫୁ ଖଡ଼ିଆଲ୍ ଦୈନିକ୍

ବଜାର୍, ବସ୍‌ଷ୍ଟାଣ୍ଡ୍ ଆଉ ଛକ୍ ଜାଗା ମାନ୍‌କେ ପିଇବାର୍ ପାଏନ୍ ବାଂଟ୍‌ବାର୍ ବନ୍ଦୋବସ୍ତ୍ କରାଯାଇଛେ ।

କବି ସମ୍ମିଳନୀ- ସମ୍ବଲପୁର ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର୍ ଜିଲ୍ଲା ଜମନ୍‌କିରା କଲେଜ୍‌ଠାନେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଆଉ କବିତା ପାଠୋତ୍ସବ୍ ହେଇଯାଇଛେ । ଇଥି ଓଡ଼ିଶା ସାହିତ୍ୟ ଏକାଡେମୀର ଆଘର୍ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ମୁକ୍ତେଶ୍ୱର୍ ସାହିତ୍ୟ ସଂସଦ୍‌ର କର୍ମକର୍ତା ଆଉ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା କବି ଆଉ କବୟିତ୍ରୀମାନେ କବିତା ପାଠ କରିଥିଲେ ।

ଭୋଟର୍ ସଚେତନତା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଡାକମଣ୍ଡଲ୍ ତର୍‌ଫୁ ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଉଛେ । ଡାକ ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀମାନେ ଭୋଟର୍‌ମାନ୍‌କୁ ସେମାନ୍‌କର୍ କର୍ତବ୍ୟ ବାବ୍‌ଦେ ସଚେତନ୍ କରେଇଥିଲେ । ଇଥି ପୋଷ୍ଟର୍ , ବେନର୍ ଆଉ ପ୍ଲାକାର୍ଡ଼ ସହେତେ ସହର୍‌ର ଭିନ୍ ଭିନ୍ ଜାଗା ବୁଲିଥିଲେ ।

ନିଟ୍- ୟୁଜି ପରୀକ୍ଷା ଆର୍ଏନ୍ୟୁ / ସମ୍ବଲପୁର

ଡାକ୍ତରୀ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ହେବାର୍‌କେ ଥିବାର୍ ନିଟ୍-ୟୁଜି-୨୦୨୪ ପରୀକ୍ଷା ଲାଗି ଆବେଦନ୍ ତାରିଖ୍‌କେ ଆଏବାକାଏଲ୍‌ତକ୍ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ଆଏଜ୍ ଆଉ ଆଏବାକାଏଲ୍ ଅନ୍‌ଲାଇନ୍ ଜରିଏ ନିଟ୍ ୟୁଜି ଲାଗି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ । ଇହାଦେତକ୍ ପାଖାପାଖି ୨୩ ଲାଖ୍ ୮୨ ହଜାର୍ ଛାତ୍ରଛାତ୍ରୀ ନିଟ୍ ୟୁଜିର୍ ଲାଗି ଆବେଦନ୍ କରିଛନ୍ ।

ରେକର୍ଡ୍ ସଂଖ୍ୟକ ଗାଡ଼ି ବିକ୍ରି ଆର୍ଏନ୍ୟୁ/ କଟକ୍

ଇ ବଛ୍‌ରର୍ ମାର୍ଚ୍ଚ ମାସେ ଅଟୋ କମ୍ପାନୀ ମାନେ ରେକର୍ଡ୍ ସଂଖ୍ୟାଥି ଗାଡ଼ି ମଟର୍ ବିକିଛନ୍ । ଅଟୋମୋବାଇଲ୍ ଫେଡ଼େରେସନ୍‌ର ରିପୋର୍ଟ ଅନ୍‌ସାରେ ଗଲା ମାର୍ଚ୍ଚ ମାସେ ୨୧ ଲାଖ୍ ୨୭ ହଜାର୍‌ନୁ ଅଏତ୍‌କା ଗାଡ଼ି ବିକ୍ରି ହେଇଥିଲା । ଇତାର୍‌ଭିତ୍‌ରୁ ୧୫ ଲାଖ୍ ୩୦ ହଜାର୍ ୨ ଚକିଆ ଗାଡ଼ି ବିକ୍ରି

ହେଇଥିବାର୍ କୁହାଯାଇଛେ । ୩ ଚକିଆ ଗାଡ଼ି ବିକ୍ରି ୧୭ ଦଶ୍ମିକ୍ ୧/୩ ପ୍ରତିଶତ୍ ବଢ଼ିଥିବାର୍ ବେଲେ ୨ ଚକିଆ ଗାଡ଼ି ବିକ୍ରି ୫ ଦଶ୍ମିକ୍ ୪/୪ ପ୍ରତିଶତ୍ ବଢ଼ିଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

କାଲ୍ବୈଶାଖୀର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଠାନେ ତାତି କମିଛେ । ଗଲା ୨ ଦିନ୍ ଧରିକରି ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ଆଉ ବର୍ଷା ଲାଗି ରହିଛେ । କାଲ୍ବୈଶାଖୀର୍ ଲାଗି ତାତି ପାଖାପାଖି ୬ ଡିଗ୍ରୀ ସେଲ୍ସିଅସ୍ କମିଥିଲା । ଆଏଜ୍ ଆର୍ ଆଏବାକାଏଲ୍ ଭିଲ୍ ଏନ୍ତା ପାଗ୍ ଜାରି ରହେବା । ହେଲେ ଉତର୍ ପର୍ଶ୍ଚିମ ଦିଗୁ ଗରମ୍ ପବନ୍ ବୁହିବାର୍ ଅନୁମାନ୍ ଥିବାର୍ନୁ ଆଏବା ଶନିବାର୍ ଦିନ୍ଠାନୁ ତାତି ବଢ଼୍ବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ । ରାଜ୍ୟର୍ ଭିତ୍ରିଆ ଆଉ ପର୍ଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଇଲାକା ନ ତାତି ୪୦ ଡିଗ୍ରୀ ସେଲ୍ସିଅସ୍ ପାର୍ କର୍ବା ।